# ନେତ

ସବୁଜ ଘାସର ଗାଲିଚା ଉପରେ ସଂଧ୍ୟାଟା କେତେବେଳୁ ନଇଁ ପଡ଼ିଲାଣି । ଘରେ ଘରେ ସଞ୍ଜବତୀ ଦେଇ ବୋହୂ ଭୁଆସୁଣୀଏ ନିଜ ନିଜର ମଙ୍ଗଳ ମନାସିବାରେ ଲାଗିଲେଣି । ଶୀତ ଦିନର ସଂଧ୍ୟାଟା ବେଳେବେଳେ ଟିକିଏ ଟିକିଏ ବହଳିଆ ବହଳିଆ ଲାଗେ । କାରଣ ଦେହକୁ ଦେହ ଶୀତଳ କଅଁଳ ସ୍ପର୍ଶ ପାଇଁ ପାଖେଇ ଆସନ୍ତି ଆଉ ଅଳସ ଦେହ ଗୁଡ଼ାକ ହୋଇ ଉଠନ୍ତି ଚଞ୍ଚଳ, ଆଉ ଚଞ୍ଚଳ ଦେହମାନେ ଅଳସେଇ ଯାଇ ଗନ୍ଥା, ମଶୁଣୀ ଓ ଗରମ ଚାଦର ଭିତରେ ଲୁଚିଯିବାର ଉପକ୍ରମ କରନ୍ତି । ବିଲମାଳରେ ପାଚିଲାଧାନ କ୍ଷେତ ଗୋଟାଏ ଗୋଟାଏ ସୁନା ଜରିଦିଆ ଲ୍ୟାଣ୍ଡସ୍କେପ ପରି ପ୍ରତୀୟମାନ ହୁଏ । ସଂଧ୍ୟା କୁହୁଡ଼ିଟା ହଠାତ୍ ସେଇ ଧାନ ବିଲ ଗୁଡ଼ାକୁ ଢାଙ୍କି ପକାଇ ଯେପରି ଶୀତରୁ କ୍ଷେତକୁ ରକ୍ଷା କରିବାକୁ ଗୋଟାଏ ଗୋଟାଏ ଚାଦର ପରି ଲାଗେ । ସେଇ ଘନ କୁହୁଡ଼ିକୁ ଭେଦ କରି ଗୋଟାଏ ବାଲୁଙ୍ଗା ବିଡ଼ା ମୁଣ୍ଡରେ ଧରି ସପନା ଧୀରେ ଧୀରେ ଘର ଆଡ଼କୁ ମୁହାଁଇ ଚାଲିଛି । ମନଟା ଅନେକ ଅନେକ ଭାବନା ଦେଇ ଓଜନିଆ ହୋଇଯାଇଛି ଯେପରି । ଏ ସନ ଫସଲଟା ଅନେକ ଭଲ ହୋଇଛି । ଧାନ ଅମଳ ପରେ ନେତର ବାହାଘର କରିପକାଇବ । ଗଲା ସନ ପଇସା କଉଡ଼ିର ଅଭାବରେ ସେ ଝିଅଟାର ବାହାଘରକୁ ଟାଳି ଦେଇଥିଲା । ନେତ ତ ସତରେ ହଳଦୀବସନ୍ତର ଗୋଟାଏ ରଙ୍ଗବୋଳା ମୂର୍ତ୍ତି । ତାକୁ ଦେଖିଲେ ସପନିର ମନଟା କୁରୁଳି ଉଠେ । ସୁନ୍ଦର ଝୁଅଟା ପାଇଁ ତା ମନରେ ଅନେକ ଗର୍ବ । ଭଲ ଭଲ ବିଷୟମାନ ନେତପାଇଁ ଆସୁଛି ହେଲେ ସପନି ଗୋଟାଏ ପରେ ଗୋଟାଏ ବିଷୟ ଭାଙ୍ଗି ଭାଙ୍ଗି ଚାଲିଛି । କାରଣ ପଇସା କଉଡ଼ିର ଅଭାବ । ଝିଅଟାର ବାହାଘର ହେଲେ ନାକ, କାନ ଓ ବେକକୁ ଭରିଏ ଦି'ଭରି ସୁନା ଅଲଙ୍କାର ଦେବାକୁ ହେବ । ତା ଛଡ଼ା ଜୋଇଁକୁ ବି ତାର ସନମାନ କରିବାକୁ ହେବ । ସାଇଭାଇ ତ ଭୋଜିଭାତ ଖାଇବାଟା ନିଶ୍ଚିତ କାରଣ 'ମିଷ୍ଟାନ୍ନଂ ଇତରେ ଜନାଃ'' । ଏପରି ଏକ ଭାବୋଚ୍ଛ୍ୱାସ ଆବେଗ ଭିତରେ ସପନି ବୁଡ଼ିଯାଇଛି । ତାର ଅଜଣାରେ ଘରେ ପହଞ୍ଚିଯାଇ ଦୁଆର ମୁହଁରେ ବାଲୁଙ୍ଗା ବିଡ଼ାଟା ଫୋପାଡ଼ିଦେଇ, ତାର ମା'ଟାକୁ ମାନେ ନେତକୁ ଡ଼ାକ ପାରିବାରେ ଲାଗିଲା । ନେତ ବୋଉ କହିଲା ଯେ ନେତ ଚାରିଟାବେଳୁ କୁଆଡ଼େ ଯାଇଛି । ଯେ ଫେରିନାହିଁ ।

ସଞ୍ଜଟା ନଇଁ ଆସିଲାଣି, ସିଏ ଆସିଯିବ ଯେ । ତମେ ଘରକୁ ଆସି ହାତଗୋଡ଼ ଧୁଆ ଧୋଇ ହୋଇଯାଅ ।

ସପନି ସହଜ ମନରେ କଥାଟାକୁ ଗ୍ରହଣ କରି ପାରିଲା ନାହିଁ । ଚାରିଟା ବେଳୁ ଝିଅଟା ଗଲାଣି ଯେ ସଞ୍ଜ ହେଲାଣି, ଘରକୁ ଫେରିନାହିଁ । ଆଲୋ ନେତ ବୋଉ । ତୁ ତାର ମା'ଟି । ମୋର ସୁନାନାକୀ ଝିଅଖଣ୍ଡେ । ସାଇ ଭାଇରେ ସେପରି ଗୋଟାଏ ଝିଅକୁ ଦେଖେଇ ଦେବୁ ? କହୁଛି କ'ଣ ନା ଚାରିଟା ବେଳୁ ଗଲାଣି ? ସତରେ କହିଲୁ ନେତବୋଉ କେତେ ବେଳୁ ମୋର ଝୁଅ ଘରୁ ଗଲାଣି ? ସପନିର ମନଟା ମୋଟେ ବୁଝିଲାନି । ଘରେ ପଶି ମଝି ଅଗଣାରେ ଲଥ କରି ବସି ପଡ଼ିଲା ସପନି । ତା' ମନରେ ହଠାତ୍ ଦୁଃଚିନ୍ତାରେ ଗୋଟାଏ ପାହାଡ଼ ଲଦି ହୋଇଗଲା । ନେତର ପାଠପଢା ସପନି ବନ୍ଦ କରିଦେଇଥିଲା । ଖାସ ତାର ସୁନ୍ଦରତା ପାଇଁ । ସେ ଲାଗି ପଡ଼ିଛି ଝୁଅର ବାହାଘର ପାଇଁ । ହାତକୁ ଦୁଇହାତ କରିଦେଲେ ଆନ୍ତତଃ ସପନି ଆଶ୍ୱସ୍ତ ହୋଇଯିବ । ମାତ୍ର ଜୀବନ ନୌକାଟା ଅନେକ ଘାତ ପ୍ରତିଘାତ ଭିତରେ ଅଯଥା ଘାଉଁରୀ ମାଡ଼ରେ, କାତ ପାଉନଥିବା ଗଭୀରତା ଭିତରେ ସଦାବେଳେ ଉବୁଟୁବୁ ହୋଇଯାଏ । ତାର ଅନେକ ଭାବନାର ଯୋଜନା କେବେ କାର୍ଯ୍ୟକାରୀ ହୋଇପାରେ ନାହିଁ । ସେ ଯେ ଗୋଟାଏ ବାପ ଏବଂ ଝୁଅଟାକୁ ଜୀବନ ଦେଇ ଭଲପାଏ । ନେତ ଭଲରେ ରହିଲେ ସପନି ଭଲରେ ରହିପାରିବ । ତାର ମୁହଁରେ ହସ ଦେଖିଲେ ଅନ୍ତତଃ ସପନି ଓଠରେ ହସର ଫୁଆରା ଫୁଟି ପାରିବ । ତେଣୁ ସେଇ ଝିଅ ପାଇଁ ସେ ଏତେ ଉଦ୍‌ବିଗ୍ନ ଆଉ ସେଇ ଝିଅରତନର ଅବର୍ତ୍ତମାନରେ ଯେପରି ସପନି ଗୋଟାଏ ସ୍ଥାଣୁ, ନିର୍ଜୀବ ଗୋଟାଏ ଅଥର୍ବ ପଥର ଖଣ୍ଡଟାଏ ।

ସାଧାରଣ ଝାଟିମାଟିର ଗୋଟାଏ ମଣିଷ ସପନି । ସେ ଜାଣେନା ପୃଥିବୀ ମଂଚରେ ସେ ଗୋଟାଏ ଚରିତ୍ର ଏବଂ ଏଠାରେ ଚଳପ୍ରଚଳତା ଅଭିନୟ ଛଡ଼ା ଅନ୍ୟ କିଛି ନୁହେଁ । ତାର ମୂଳିଆ ମନଟା ବୁଝେନା ଯେ ଝିଅ ସୁନ୍ଦରୀ ହେଲେବି ଗୋଟାଏ ଦକ୍ଷା ଅଭିନେତ୍ରୀ ହୋଇପାରିବ । ତାର ମାମୁଲି ମନ ବୁଝେ ଝିଅର ଜନମ ପରଘରକୁ ଏବଂ ସେ ଦୁଇ କୁଳକୁ ସାହାଯ୍ୟ କରିବା ପାଇଁ ଭଗବାନଙ୍କର ଗୋଟାଏ ସୃଷ୍ଟି । "ଦୁହିତା" ଦୁଇ କୁଳକୁ ହିତା ।

ଆକାଶରେ ଜହ୍ନଟା ଆଗର ସେଇ ପ୍ରଭାନେଇ ଉଦୟ ହୋଇ ସାରିଲାଣି । ଗାଁ ମୁଣ୍ଡରେ ଦିଅଁଙ୍କ ଆସ୍ଥାନରେ ଘଣ୍ଟ ଓ ମର୍ଦ୍ଦଳର ଧ୍ୱନି ଏବେ ବି ଶୁଭାଯାଉଛି । ଦୁଇ

ସଉତୁଣିଆ ପୋଖରୀର କାଚକେନ୍ଦୁ ପାଣି ଏବେ ବି ସ୍ୱଚ୍ଛ ଓ ସ୍ଥିର ହୋଇରହିଛି । ତୁଳସୀ ଚଉରାମୂଳେ ନେତ ବୋଉ ଝିଅର ଫେରିଆସିବାର ବାଟକୁ ମନାସୀ ଥୋଇ ଦେଇଥିବା ସଞ୍ଜବତୀ ଏବେ ବି ଦକ୍ ଦକ୍ ହୋଇ ଜଳୁଛି, ଯେପରି କହି ଯାଉଛି "ଦୀପଂ ଜ୍ୟୋତି ପ୍ରରଂବ୍ରହ୍ମଂ" । ତେବେ ଏସବୁ ସତ୍ତ୍ୱେ ସପନି ମନରେ ଗୋଟାଏ ଅହେତୁକ ଭୟର ସଂଚାର ହୋଇଯାଇଛି । କ'ଣ ପାଇଁ ? ବିଳମ୍ବିତ ରାତିଯାଏ ସପନି ସାରା ଗାଁଟାକୁ ଖିନ୍‌ଭିନ୍ କରି ଖୋଜି ପକାଇଲା । ଉପର ସାଇର ବଡ଼ବାରି ଠାରୁ ଆରମ୍ଭକରି ପୋଖରୀହୁଡ଼ା ଯାଏ, ଖୋଲଗଦାଠାରୁ ଆରମ୍ଭ କରି ଡୁବୁରିମୁଣ୍ଡିଆ ଯାଏ ଗୋଟାଏ ହଜିଲା ଝିଅକୁ ଖୋଜି ଚାଲିଲା ସପନି ନାମଧାରୀ ଗୋଟାଏ ପୈତୃକ ଦେହଟା । ସପନିର ଗାଉଁଟିଆ ମନଟା ଭାବିଚାଲିଲା ଯେ ନେତ କାହା ସାଙ୍ଗରେ ଘରଛାଡ଼ି ଚାଲି ଯାଇ ନପାରେ । ହେଲେ ଏତେ ବଡ଼ ପୃଥିବୀରେ ରକ୍ତମାଂସ ଦେହଧାରୀ ମଣିଷଭିତରେ ଥିବା ପିଚାଶ ହାବୁଡ଼ରେ ଯଦି ଝିଅ ପଡ଼ିଯିବ ତେବେ ସେଗୁଡ଼ା ଖିନ୍‌ଭିନ୍ କରି ଖାଇଯିବେ ମୋର ହଳଦୀରଙ୍ଗ ଝିଅଟାକୁ କେଉଁ ଏକ ଅପହଞ୍ଚ ପୃଥିବୀରେ ।

ଆଜି ସପନି ବୁଝିପାରୁଛି ଯେ ଏ ପୃଥିବୀଟା ଗୋଟାଏ ବିଶାଳ ଯାଗା, ଯେଉଁଠି ମଣିଷବି ହଜି ଯାଇପାରେ । ଯେଉଁଠି ମଣିଷକୁ ବେଳେ ବେଳେ ଖୋଜି ପାଇହୁଏ । ଆଉ କେତେବେଳେ ତାର ନାଁ, ଗାଁ ଠିକଣା ସମୟର କରାଳ ଗର୍ଭରେ ହଜିଯାଏ ଖୋଜିବା ମଣିଷର ଆଗୋଚରରେ ଏବଂ ଯାହା ମାନବିକ ଚେଷ୍ଟାର ବାହାରେ । ସପନି ପ୍ରତ୍ୟେକ ଦୁଆରଙ୍କୁ ଯାଇ ପଚାରିବସେ ଯେ କେହି କାଳେ ତାର ନେତର ପତ୍ତା ବା ଠିକଣା ପାଇଥିବ । ତା'ର ପୈତୃକ ମନଟା ବେଦନାର ଗୋଟାଏ ଗହ୍ୱର ମଧ୍ୟରେ ଆର୍ତ୍ତନାଦରେ ସ୍ତିମିତ ହୋଇଯାଉଛି । ମନର ପକ୍ଷୀଟା ଯେପରି ଶରବିଦ୍ଧ ହୋଇଯାଇଛି । ଗୋଟାଏ ବାଟୁଳିଖଡ଼ାର ତୀବ୍ର ବିଷଜ୍ୱାଳାରେ । କେହି କେହି କହି ବସିଲେ ବୟସ ବଢିବା ଝିଅ ଓ ବଢିଆସିଥିବା ନଦୀ କୂଳ ଲଙ୍ଘିବାକୁ ସମୟ ଲାଗେ ନାହିଁ । ମନର ମଣିଷର ଦେହର ବାସନା ପାଇବା ପାଇଁ ହୁଏତ ନେତ କୁଆଡ଼େ ତାର ମନର ମଣିଷ ସହିତ ନିଖୋଜ ହୋଇଯାଇଥିବ ।

ନେତ ବଉର ପାଟିରୁ କଥା ବାହାରୁ ନାହିଁ । ସେ ବୁଝିପାରେନା ତା'ର ଗୋଟିଏ ମାତ୍ର ସୁନାନାକୀ ଝିଅ ନେତର ଅବସ୍ଥା କ'ଣ ହୋଇଯାଇପାରେ । ତାର ମନେ ନାହିଁ ଯେ ନେତ ଏହା ମଧ୍ୟରେ ବଡ଼ ହୋଇଯାଇଛି ଆଉ ବିଶ୍ୱାସ ହେଉନାହିଁ ଯେ ନେତ ବୋଉର ଅଜାଣତରେ ହୁଏତ କେଉଁଆଡ଼େ ନାପତ୍ତା ହୋଇଯାଇପାରେ । ଆଖିରୁ

ଗଡ଼ିଚାଲିଲା ଅବାରିତ ବାରିଧାରାର ଯେପରି ଗୋଟିଏ ଫଲଗୁ । ହୁଏତ ଏହାର ପରସମାପ୍ତି ତାର ପ୍ରାପ୍ତି ବା ଲୀନ ମଧ୍ୟରେ ସମ୍ଭବ ହେବ ଏବଂ ଯାହା ଅଭିସଂପାଦିତ ତାହା ଅବଶ୍ୟ ଫଳିବ । ଏହା ନେତବୋଉ ପରି ଗୋଟାଏ ଗାଁଉଲି ସ୍ତ୍ରୀ ଲୋକ ବୁଝି ପାରୁଛି କେତେବେଳେ ?

ସେ କ'ଣ ଜାଣେ ଯେ ଏ କଳୁଷିତ ପୃଥିବୀରେ ପବିତ୍ର ଗଙ୍ଗାଟାକୁ ଯେ ପ୍ରତି ମୁହୂର୍ତ୍ତରେ କଳୁଷିତ କରିବାର ପ୍ରଚେଷ୍ଟାରେ ଅନେକ ଚରିତ୍ର ଲାଗିଛନ୍ତି । ଗୋଟାଏ ଅହେତୁକ ଆତ୍ମଗ୍ଲାନି ଦୃଷ୍ଟେ ନେତବୋଉର ଗୋଟାଏ ନିଷ୍ପାପ ହୃଦୟରେ ବୋଧକରୁ ସମାଜର ପରିବର୍ତ୍ତିତ ଚଳଣିର ଛାପ ପଡ଼ିପାରିନାହିଁ । ନେତଟା ଯେ ଗୋଟିଏ ଝିଅ ନୁହେଁ ସେଟା ଗୋଟାଏ ଫୁଲ । ଛୋଟ କଢଟା କେତେବେଳେ ଫୁଟିଲା ଫୁଲରେ ପହଞ୍ଚି ତାର ସୁଗନ୍ଧ ସମସ୍ତଙ୍କୁ ବାଣ୍ଟିବାରେ ଲାଗିଗଲାଣି, ତାକୁ ନିଜ ଦେହରେ ଓ ହାତରେ ଛୋଟରୁ ବଡ଼ କରିଥିବା ସପନି ବା ନେତ ବୋଉର ମନରେ ପଶି ପାରେନା । ସେ ଦୁହିଁଙ୍କ ମନରେ ସେଇ ନିଷ୍ପାପ ହୃଦୟର ଚିନ୍ତାଧାରା ଆଜିବି ଜମାଟ ବାନ୍ଧି ରହିଯାଇଛି ଏବଂ ସପନିଟା ପିଲାପରି ଦୁଆର ମୁହଁରେ ବସି ପ୍ରଳାପ କରିବାରେ ଲାଗିଯାଇଛି ।

ସେ ସମସ୍ତଙ୍କ କହିବାରେ ରେଳଷ୍ଟେସନ ଓ ବସ ରହିବା ଯାଗା ଦେଖି ଆସିଲାଣି । ଜଣେ ଅଧେକୁ ପଚାରି ବୁଝିଲାଣି ଯେ ନେତ କାହା ସାଥୀରେ ଗାଁ ଛାଡ଼ି ଚାଲି ଯାଇପାରିଛି କି ? ହେଲେ ନିରୀହ ଅବୁଝା ମନଟାରେ କିଛି ପଶିପାରେନା । ସେ ଦେବତାଙ୍କୁ ଘୃଣା କରିବାରେ ଲାଗେ । ସେ ସମାଜକୁ ଘୃଣା କରିବା ସହ ନିଜକୁ ନିଜେ ଗୋଟାଏ ମଣିଷ ଭାବରେ ଗଣିବାକୁ ମଧ୍ୟ ଘୃଣାକରେ । ନେତବୋଉ ଡାହାଲିଆଣୀ ଦୁଆରରେ ମୁଣ୍ଡ ବାଡେଇ ବାଡ଼େଇ ମୁଣ୍ଡଟା ମଣ୍ଡାପିଠା ପରି ଫୁଲାଇ ସାରିଲାଣି । ନେତ ବୋଉ ଠାକୁରାଣୀ ପାଖରେ କେତେ ଯେ ନେହୁରା ହେଉଛି ନେତ ପାଇଁ । ହେଲେ ସେ ପଥର ଦିଅଁଟାର କ'ଣ ହୃଦୟ ଅଛି ଯେ ନା ମନ ଅଛି ଯେ ସେ ଗୋଟାଏ ସାଧାରଣ ମଣିଷ ଜୀବନର ହାନିଲାଭ ବୁଝିପାରିବ ।

ସବୁଦୁଆର, ପଡ଼ିଆ, କଙ୍କାଳ ବୁଲି ବୁଲି ସମସ୍ତଙ୍କୁ ପଚାରି ପଚାରି ସପନି ଯେ କେତେବେଳେ ଦାଣ୍ଡ ପିଣ୍ଡାରେ ପଡ଼ିଯାଇଛି ତାକୁ ଜଣାନାହିଁ । ସକାଳୁ ଧର୍ମଦେବତା ପୂରୁବ ଆକାଶ ମଥାନରେ ତାଙ୍କ ସୁନେଲି କିରଣ ବିଛେଇବାରେ ଲାଗିଲେଣି । ଧର୍ମ ଦେବତାଙ୍କୁ ମୁଣ୍ଡିଆମାରି ସପନି ଶେଯ ଛାଡ଼ିବା ପୂର୍ବରୁ ଖବର ପାଇଲା ଯେ ଧୂଳିଆ ପାହାଡ଼ କାନ୍ଦରାରେ ଗୋଟିଏ ଝିଅର ଶବ ପଡ଼ିଛି । ପୋଲିସ ବି ପହଞ୍ଚି ଯାଇଛି ।

ଶବଟି ଯେ ନେତର ନିଃସନ୍ଦେହ ହେବାପରେ ପୋଲିସ ସପନିକୁ ଚିହ୍ନଟ ପାଇଁ ଡ଼ାକରା ଦେଇଛି ।

ସପନି ହତବାକ୍ ଗୋଟିଏ ମଣିଷ ହୋଇଗଲା । ଲୋକତୁଣ୍ଡରୁ ଶୁଣାଗଲା ଯେ କେତେଟା ମଣିଷ ମାଂସଲୋଭୀ ନରଖାଦକଙ୍କ କବଳରେ ପଡ଼ି ଯାଇଥିବା ନେତ ଅନେକ ଚେଷ୍ଟାକରି ନିଜକୁ ମୁକୁଳାଇ ପାରିଲା ନାହିଁ ଏବଂସେମାନେ ତାର ଶରୀରଟାକୁ ଖିନ୍‌ଭିନ୍ କରି ଖାଇଗଲେ । ସନିଆର ଅନେକ ସ୍ୱର୍ଦ୍ଧିତ ଇଚ୍ଛାଗୁଡ଼ାକ ଯେପରି ହଠାତ୍ କବର ନେଇଗଲେ ଏବଂ ସେ ନିର୍ବାକ ଭାବରେ ସେଇଠାରେ ପୁଣି ବସିଗଲା । ନେତ ବୋଉ ହଠାତ୍ ଛାନିଆ ହୋଇ ଯାଇ ହତଜ୍ଞାନ ହୋଇଯାଇଛି ।

ତାପରେ ଗୋଟାଏ ଉଦ୍‌ବେଳିତ ସମୁଦ୍ର ଶାନ୍ତ ହେବାପରି କେତେକ ଲୋକ ପୋଲିସ ହାଜତକୁ ଗଲେ ସତ, ହେଲେ ସପନି ଓ ନେତବୋଉ କ'ଣ ପାଇଲେ ? ଝିଅଟିକୁ ହାତକୁ ଦୁଇହାତ କରାଇ ଦେବାର ଯେଉଁ ସଂସ୍ଥାପିତ ଇଚ୍ଛା ତାହା କେବଳ ସବୁଦିନ ପାଇଁ ଇଚ୍ଛାରେ ହିଁ ରହିଗଲା । ଏହାପରେ ସପନି ଓ ନେତବୋଉଙ୍କର ମୁହଁରେ ସଦାବେଳେ 'ନେତ' ଓ ଗୋଟାଏ ଗୋଟାଏ ରୋରୁଦ୍ୟମାନ ମୁହଁ ଲୋକେ ଦେଖନ୍ତି ଏବଂ ଯେପରି ପାଗଳର ପ୍ରଳାପ ଭାବି ବାଟ ଭାଙ୍ଗି ଚାଲିଯାଆନ୍ତି ।

ନିଶା ରାତ୍ରିର ବିଜନ ବେଳାରେ ବେଳେ ବେଳେ ସପନି ଓ ନେତ ବୋଉର ପ୍ରଳାପ ଶୁଣାଯାଏ । ଗାଁର ଲୋକମାନେ ଡାହାଣୀ ମନେକରି ଘରର ତାଟି କବାଟ ପକାଇଦେଇ ଶୋଇଯାଆନ୍ତି । ମାତ୍ର ସେ ପ୍ରଳାପ ସୁଲିଆ ପାହାଡ଼ର କନ୍ଦରା ପର୍ଯ୍ୟନ୍ତ ଯାଇ ପ୍ରତିଟି ମୁହୂର୍ତ୍ତରେ ମିଳାଇଯାଏ ।

***